# ଓଡିଶା ସରକାର
# ସାଧାରଣ ପ୍ରଶାସନ ବିଭାଗ

ସଂଖ୍ୟା ୨୯୮୧୫ (୧୩୦)-ସା.ପ୍ର.

ତାରିଖ ୨୨ ସେପ୍‌ଟେମ୍ବର ୧୯୮୯

ପ୍ରାପ୍ତେଷୁ -

ସମସ୍ତ ପ୍ରଶାସନିକ ବିଭାଗ/

ସମସ୍ତ ବିଭାଗୀୟ ମୁଖ୍ୟ/

ସମସ୍ତ ଜିଲ୍ଲାପାଳ ।

ଜିଲ୍ଲାସ୍ତରରେ ଅଣଗେଜେଟେଡ୍ ପଦବୀ ଗୁଡିକୁ ପୂରଣ କରାଯିବା ସମୟରେ ବିଭିନ୍ନ ସ୍ତରରେ ହେଉଥିବା ଅସଦାଚରଣକୁ ରୋକିବାପାଇଁ ଏହି ବିଭାଗର ସଂକଳ୍ପ ସଂଖ୍ୟା ୨୧୬୭୧, ତା ୧୭ ସେପ୍‌ଟେମ୍ବର ୧୯୮୭ ରିଖରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟଗୁଡିକରେ ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ ମନୋନୟନ ମଧ୍ୟ ଏହି ସଂକଳ୍ପ ଦ୍ୱାରା ପରିଚାଳିତ ହେବାକୁ ନିର୍ଦ୍ଦେଶ ଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ଅଣଗେଜେଟେଡ୍ ପଦବୀ ପାଇଁ ପ୍ରାର୍ଥୀ ମନୋନୟନ କରିବା ସଂକ୍ରାନ୍ତରେ ଏହି ବିଭାଗ ତରଫରୁ ଅନ୍ୟ ଏକ ସଂକଳ୍ପ ସଂଖ୍ୟା ୩୨୫୩୮, ତା ୧୬-୧୧-୧୯୮୮ ରିଖଟି ନିର୍ଗମିତ ହେବା ପରେ ଚତୁର୍ଥ ଶ୍ରେଣୀ ପଦବୀ ପୂରଣ କରିବା କ୍ଷେତ୍ରରେ କେତେକ କର୍ତ୍ତୃପକ୍ଷଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଏହି ସନ୍ଦେହକୁ ଦୂର କରିବାକୁ ଯାଇ ଏହି ବିଭାଗ ତରଫରୁ ପରିପତ୍ର ସଂଖ୍ୟା ୧୧୭୫୨ ତା ୧୯-୪-୧୯୮୯ ରିଖ ଜରିଆରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ସମସ୍ତ ଜିଲ୍ଲା କାର୍ଯ୍ୟାଳୟଗୁଡିକର ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ସଂପୃକ୍ତ ଜିଲ୍ଲାପାଳମାନେ ପ୍ରାର୍ଥୀ ମନୋନୟନ କରିବେ । ଏହି ମନୋନୟନ ପାଇଁ କେତେକ ପଦ୍ଧତି ଅନୁସରଣ କରିବାକୁ ମଧ୍ୟ ଏହି ପରିପତ୍ର ଜରିଆରେ ପରାମର୍ଶ ଦିଆଯାଇଥିଲା ।

ପରବର୍ତ୍ତୀ ସମୟରେ ବିଚାର କରାଗଲା ଯେ ଜିଲ୍ଲାପାଳମାନେ ଜିଲ୍ଲାର ସମସ୍ତ ଶାସନ କାର୍ଯ୍ୟ ତଥା ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ବ୍ୟସ୍ତ ଥାଇ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ନିର୍ଦ୍ଦିଷ୍ଟ ସମୟରେ ମନୋନୟନ ପରୀକ୍ଷା ପରିଚାଳନା କରିବା ସମ୍ଭବ ହେବନାହିଁ ।

ସୁତରାଂ ସରକାର ଏହାକୁ ଯତ୍ନର ସହିତ ବିଚାର କରି ଏହି ବିଭାଗର ପରିପତ୍ର ସଂଖ୍ୟା ୧୧୭୫୨, ତା ୧୯-୪-୧୯୮୯ ରିଖରେ ଆଂଶିକ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସିଦ୍ଧାନ୍ତ ଗ୍ରହଣ କରିଅଛନ୍ତି ଯେ ପୂର୍ବପରି ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟର ପ୍ରାଧିକାରୀମାନେ ଏଣିକି ସେମାନଙ୍କର ନିଜ ନିଜ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ ପଦବୀ ପୂରଣ ପାଇଁ ପ୍ରାର୍ଥୀ ମନୋନୟନ କରିବେ । ଏହି ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟର ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ସ୍ଥାନୀୟ ପ୍ରାର୍ଥୀଙ୍କ ମଧ୍ୟରେ ହିଁ କରାଯିବ । ଏଥିପାଇଁ ଆବଶ୍ୟକ ହେଲେ ସଂପୃକ୍ତ କର୍ତ୍ତୃପକ୍ଷ ମନୋନୟନ ବୋର୍ଡ ପ୍ରସ୍ତୁତ କରିପାରିବେ ।

ଉପରୋକ୍ତ ପରିପତ୍ରରେ ଥିବା ଅନ୍ୟ ସମସ୍ତ ନିର୍ଦ୍ଦେଶ ଗୁଡିକ ଅପରିବର୍ତ୍ତିତ ରହିବ ।

ରାଧାକାନ୍ତ ନାୟକ

ସ୍ୱତନ୍ତ୍ର ଶାସନ ସଚିବ